# NATIONAL NEWS BULLETIN (ODIA)
## 08th December - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ଲୋକସଭାରେ ହେଲା ସ୍ୱତନ୍ତ୍ର ଆଲୋଚନା ।

— ବନ୍ଦେ ମାତରମ୍ ହେଉଛି ଏକ ଶକ୍ତି, ଯାହା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ହାସଲ କରିଥିଲା; କହିଲେ ପ୍ରଧାନମନ୍ତ୍ରୀ ।

- ସଂସଦର ଅନୁମୋଦନ ଲାଭ କଲା 'ସ୍ୱାସ୍ଥ୍ୟ ସୁରକ୍ଷା ସେ ଜାତୀୟ ସୁରକ୍ଷା ସେସ୍ ବିଲ୍-୨୦୨୫' ।

- ପ୍ରଭାବିତ ବିମାନ ଯାତ୍ରୀଙ୍କୁ ୫ ଶହ ୬୯ କୋଟିରୁ ଅଧିକ ଟଙ୍କା ଫେରସ୍ତ କଲା ଇଣ୍ଡିଗୋ ବିମାନ ସେବା କମ୍ପାନୀ ।

- ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ନେତୃତ୍ୱ ବିକାଶ ଓ ସଶକ୍ତୀକରଣ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ୟୁ.ଜି.ସି.ର ପରାମର୍ଶ ।

ଏବଂ

- କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି ଖେଳାଯିବ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ ।

## ଏଲ୍.ଏସ୍. - ବନ୍ଦେ ମାତରମ୍

ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଲୋକସଭାରେ ଆଜି ସ୍ୱତନ୍ତ୍ର ଆଲୋଚନା ହୋଇଛି । ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବନ୍ଦେ ମାତରମ୍‌ର ମନ୍ତ୍ର ଦେଶବାସୀଙ୍କୁ ଶକ୍ତି ଓ ପ୍ରେରଣା ପ୍ରଦାନ କରିଥିଲା । ସ୍ୱାଧୀନତା ଆନ୍ଦୋଳନକୁ ଏହା ଅଧିକ ଉଜ୍ଜୀବିତ କରିଥିଲା । ବନ୍ଦେ ମାତରମ୍‌କୁ ସ୍ମରଣ କରିବା ଗୃହର ସମସ୍ତ ସଦସ୍ୟ ଏବଂ ଦେଶବାସୀଙ୍କ ପାଇଁ ଏକ ବଡ଼ ସୌଭାଗ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି,

ବନ୍ଦେ ମାତରମ୍ ହେଉଛି ଏଭଳି ଏକ ଶକ୍ତି, ଯାହା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ୱପ୍ନ ହାସଲ କରିବାରେ ମାର୍ଗଦର୍ଶନ କରିଥିଲା ।

***Voice (PM - Bande Mataram)*** :.......

ପ୍ରଧାନମନ୍ତ୍ରୀ କହିଛନ୍ତି, ବନ୍ଦେ ମାତରମ୍‌ର ୧୦୦ତମ ବାର୍ଷିକୀ ପାଳନବେଳେ ଦେଶ ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ଦେଶପ୍ରୀତିକୁ ଯେଉଁମାନେ ନିଜ ଜୀବନର ମୂଲ୍ୟବୋଧ ସହ ସାମିଲ୍ କରିଥିଲେ, ସେମାନଙ୍କୁ ଜେଲ୍‌ରେ ବନ୍ଦୀ କରି ରଖାଯାଇଥିଲା ।

***Voice (PM - on constitution)*** :.......

ବ୍ରିଟିଶ ସରକାରଙ୍କ ଅତ୍ୟାଚାର ବିରୋଧରେ ବିଦ୍ରୋହ ସମୟରେ ବନ୍ଦେ ମାତରମ୍ ଲେଖାଯାଇଥିଲା । ଏହି ଜାତୀୟ ଗୀତ ମାଧ୍ୟମରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ' ଅତ୍ୟାଚାରକୁ ଶକ୍ତି ତଥା ସଂକଳ୍ପର ସହିତ ଜବାବ ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କଂଗ୍ରେସ ସାଂସଦ ଗୌରବ ଗୋଗୋଇ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ତୃଣମୂଳ କଂଗ୍ରେସର କାକଳି ଘୋଷ ଦସ୍ତିଦାର, ଜେ.ଡି.ୟୁ.ର ଦେବେଶ ଚନ୍ଦ୍ର ଠାକୁର, ଟି.ଡି.ପି.ର ଡକ୍ଟର ବାଇରେଡ୍ଡୀ ଶାବରୀ, ଶିବସେନାର ଶ୍ରୀରଙ୍ଗ ବାର୍ଣ୍ଣେ, ଡି.ଏମ୍.କେ.ର ଏ. ରାଜା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆର୍.ଏସ୍. - ହେଲ୍‌ଥ୍ ସିକ୍ୟୁରିଟି ବିଲ୍

ସ୍ୱାସ୍ଥ୍ୟ ସୁରକ୍ଷା ସେ ଜାତୀୟ ସୁରକ୍ଷା ସେସ୍ ବିଲ୍-୨୦୨୫ ଆଜି ରାଜ୍ୟସଭାର ଅନୁମୋଦନ ଲାଭ କରିଛି । ଏହି ବିଲ୍‌ରେ ପାନ ମସଲା ଏବଂ ସରକାରଙ୍କଦ୍ୱାରା ଅଧିସୂଚିତ ଆନୁଷଙ୍ଗିକ୍ ଉତ୍ପାଦନ ଉପରେ ସେସ୍ ଲାଗୁ କରିବାର ପ୍ରସ୍ତାବ ରହିଛି । ଏଥିରୁ ପ୍ରାପ୍ତ ଅର୍ଥକୁ ଜନସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା କ୍ଷେତ୍ରପାଇଁ ବିନିଯୋଗ କରାଯିବ ।

ରାଜ୍ୟସଭାରେ ବିଲ୍ ଉପରେ ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ଦେଶର ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବାପାଇଁ ଏହି ବିଲ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରୁଥିବା ପାନମସଲା ଏବଂ ତତ୍‌ସଂକ୍ରାନ୍ତ ସାମଗ୍ରୀଗୁଡ଼ିକ ଉପରେ ଏହି ସେସ୍ ଲାଗୁ କରାଯିବ । ସେ କହିଛନ୍ତି, ସ୍ୱାସ୍ଥ୍ୟ ଏକ ରାଜ୍ୟ ସମ୍ପର୍କିତ ବିଷୟ ହୋଇଥିବାରୁ ସେସ୍‌ରୁ ସଂଗୃହୀତ ରାଜସ୍ୱ ରାଜ୍ୟଗୁଡ଼ିକୁ ବଣ୍ଟନ କରାଯିବ । ଆଲୋଚନାରେ ବିଭିନ୍ନ ଦଳର ସଦସ୍ୟ ଅଂଶଗ୍ରହଣ କରି ସେମାନଙ୍କର ମତ ଉପସ୍ଥାପନ କରିଛନ୍ତି । ପୂର୍ବରୁ ଲୋକସଭାରେ ଏହି ବିଲ୍ ପାରିତ ହୋଇଥିଲା ।

## ଏମ୍.ଓ.ସି.ଏ. - ଇଣ୍ଡିଗୋ

ଇଣ୍ଡିଗୋ ବିମାନସେବା କମ୍ପାନୀ ପକ୍ଷରୁ ୫ ଲକ୍ଷ ୮୬ ହଜାର ୭ ଶହରୁ ଅଧିକ ଯାତ୍ରୀଙ୍କର ପି.ଏନ୍.ଆର୍. ରଦ୍ଦ କରାଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି, ୫ ଶହ ୬୯ କୋଟିରୁ ଅଧିକ ଟଙ୍କା ଏ ବାବଦରେ ଯାତ୍ରୀଙ୍କୁ ଫେରସ୍ତ ହୋଇଛି । ମୋଟ୍ ୯ ହଜାର ଲଗେଜ୍ ମଧ୍ୟରୁ ୪ ହଜାର ୫ ଶହ ଯାତ୍ରୀଙ୍କୁ ଫେରସ୍ତ କରାଯାଇଛି । ଆସନ୍ତା ୩୬ ଘଣ୍ଟା ମଧ୍ୟରେ ଅବଶିଷ୍ଟ ଲଗେଜ୍ ସମ୍ପୃକ୍ତ ଯାତ୍ରୀଙ୍କୁ ଫେରସ୍ତ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି । ଇଣ୍ଡିଗୋ ବିମାନ ସେବା କମ୍ପାନୀ ୧୩୮ଟି ସ୍ଥାନ ମଧ୍ୟରୁ ୧୩୭ଟିକୁ ୧ ହଜାର ୮୦୦ରୁ ଅଧିକ ବିମାନ ଉଡ଼ାଣରେ ଯୋଜନା ପ୍ରସ୍ତୁତ କରାଯାଇଛି । ତେବେ ୫ ଶହ ଉଡ଼ାଣ କମ୍ପାନୀ ପକ୍ଷରୁ ବାତିଲ୍ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଆର୍.ଏସ୍. - ନାଇଡୁ ଆଭିଏସନ୍ କ୍ରାଇସିସ୍

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି, ବିମାନ ସୁରକ୍ଷା କ୍ଷେତ୍ରକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ

କରୁଛନ୍ତି । ରାଜ୍ୟସଭାରେ ଉଡ଼ାଣ ଡ୍ୟୁଟି ସମୟସୀମା ନିର୍ଦ୍ଦେଶାବଳୀ କାର୍ଯ୍ୟାନ୍ୱୟନ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ନାଇଡୁ କହିଛନ୍ତି, ବିମାନ ସୁରକ୍ଷା କ୍ଷେତ୍ରରେ କୌଣସି ସାଲିସ୍ କରାଯିବ ନାହିଁ । ଅନେକ ଉଡ଼ାଣ ବାତିଲ କରିବା ସ୍ଥିତି ସମ୍ପର୍କରେ ସରକାର ତଦନ୍ତ କରୁଛନ୍ତି । ଏଥିରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତି ଏବଂ ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଇଣ୍ଡିଗୋ ବିମାନସେବା ବାତିଲ୍ ସଂସ୍ଥାର ଆଭ୍ୟନ୍ତରୀଣ କାର୍ଯ୍ୟଯୋଜନାର ବିଫଳତା ବୋଲି ଶ୍ରୀ ନାଇଡୁ କହିଛନ୍ତି ।

***Voice (Naidu)*** :.........

## ୟୁ.ଜି.ସି. - ୱିମେନ୍ ଏମ୍ପାୱାରମେଣ୍ଟ

ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଛାତ୍ରୀ ଏବଂ ମହିଳା କର୍ମଚାରୀଙ୍କପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ସମ୍ମିଳନୀ ଓ ସେମିନାର ଆୟୋଜନ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ - ୟୁ.ଜି.ସି. ପରାମର୍ଶ ଦେଇଛି । ମହିଳାଙ୍କ କ୍ଷେତ୍ରରେ ଲିଙ୍ଗଗତ ସମାନତା, ନେତୃତ୍ୱ ବିକାଶ ଏବଂ ସଶକ୍ତୀକରଣ ସମ୍ପର୍କିତ ସଚେତନା ବୃଦ୍ଧି ଲକ୍ଷରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଆୟୋଗ କହିଛି । ଉଚ୍ଚଶିକ୍ଷାରେ ମହିଳାଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଏବଂ ଦେଶର ଅଭିବୃଦ୍ଧି ପଥରେ ସେମାନଙ୍କୁ

ଅଧିକରୁ ଅଧିକ ସଂଶ୍ଳିଷ୍ଟ କରିବାରେ ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ବିକଶିତ ରାଷ୍ଟ୍ର ଗଠନରେ ମହିଳାଙ୍କ ଅବଦାନକୁ ସୁନିଶ୍ଚିତ କରିବାପାଇଁ ଶିକ୍ଷା, ନବସୃଜନ ଏବଂ ଉଦ୍ୟୋଗ କ୍ଷେତ୍ରରେ ଏକ ସୁବ୍ୟବସ୍ଥିତ ଇକୋସିଷ୍ଟମ୍ ସୃଷ୍ଟି କରିବା ଉପରେ ଆୟୋଗ ଗୁରୁତ୍ୱ ପ୍ରଦାନ କରିଛି ।

## ପ୍ରଧାନ - ୱେଲ୍ସ ୟୁନିଭର୍ସିଟି

ଭାରତରେ କ୍ୟାମ୍ପସ୍ ସ୍ଥାପନ କରିବାପାଇଁ ଅଷ୍ଟ୍ରେଲିଆର ନିୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟକୁ ସରକାର ଏଲ୍.ଓ.ଆଇ. ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ ଅବସରରେ ଆଜି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଜାସନ କ୍ଲେୟାର୍‌ଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏହି ସ୍ୱୀକୃତି ପତ୍ର ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, ଅଷ୍ଟ୍ରେଲିଆ ନିୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟ QS ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍‌ରେ ବିଶ୍ୱସ୍ତରରେ ଶୀର୍ଷ ୨୦ଟି ସ୍ଥାନ ମଧ୍ୟରେ ରହିଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ କୃତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ପିଢ଼ି ପ୍ରସ୍ତୁତ କରିବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ।

# ଏଲ୍.ଏସ୍. - ଷ୍ଟାଣ୍ଡିଂ କମିଟି

୨୦୩୦ ପୂର୍ବରୁ ଅଣ-ଜୀବାଶ୍ମ ଉତ୍ସରୁ ଦେଶର ମୋଟ୍ ବିଦ୍ୟୁତ୍ କ୍ଷମତାର ୫୦ ପ୍ରତିଶତ ସ୍ଥାପିତ ହୋଇସାରିଛି । ଲୋକସଭାରେ ଆଜି ଉପସ୍ଥାପିତ ଶକ୍ତି ସମ୍ପର୍କିତ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଛି, ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏକ୍ଷେତ୍ରରେ ପଞ୍ଚାମୃତ ଲକ୍ଷ୍ୟ ହାସଲ ହୋଇଥିବା କମିଟି ଏହାର ରିପୋର୍ଟରେ ଉଲ୍ଲେଖ କରିଛି । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ, ଶକ୍ତି ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଏକ୍ଷେତ୍ରରେ ସେମାନଙ୍କର ପ୍ରତିବଦ୍ଧତା ନେଇ କମିଟି ପ୍ରଶଂସା କରିଛି । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟଦ୍ୱାରା ଦାଖଲ ହୋଇଥିବା ତଥ୍ୟ ଅନୁଯାୟୀ ଗତ ଜୁନ୍ ମାସ ଶେଷସୁଦ୍ଧା ଦେଶର ମୋଟ୍ ସ୍ଥାପିତ ବିଦ୍ୟୁତ କ୍ଷମତା ୪୮୫ ଗିଗାଓ୍ୱାଟ୍ ରହିଥିଲା । ସେଥିମଧ୍ୟରୁ ୨୪୩ ଗିଗାଓ୍ୱାଟ୍ ଅର୍ଥାତ୍ ପ୍ରାୟ ୫୦ ପ୍ରତିଶତ ଅଣ-ଜୀବାଶ୍ମ ଶକ୍ତି ଉତ୍ସରୁ ଉତ୍ପନ୍ନ ହୋଇଥିଲା ।

ଭାରତ ଇତିମଧ୍ୟରେ ୧୧୬ ଗିଗାଓ୍ୱାଟ୍ ସୌରଶକ୍ତି କ୍ଷମତା ସ୍ଥାପନ କରିସାରିଛି । ୨୦୩୦ ସୁଦ୍ଧା ୨୯୨ ଗିଗାଓ୍ୱାଟ୍ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବା ଦିଗରେ ଦେଶ ଅଗ୍ରସର ହେଉଛି ବୋଲି କମିଟି ତା'ର ରିପୋର୍ଟରେ ଉଲ୍ଲେଖ କରିଛି । ୫୦୦ ଗିଗାଓ୍ୱାଟ୍ ଅଣ-ଜୀବାଶ୍ମ ଶକ୍ତି ଲକ୍ଷ୍ୟ ପୂରଣପାଇଁ

ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ୧୭୬ ଗିଗାୱାଟ୍ ନୂତନ ସୌରଶକ୍ତି କେନ୍ଦ୍ର ସ୍ଥାପନ କରିବାକୁ ପଡ଼ିବ ବୋଲି କମିଟି ରିପୋର୍ଟରେ ଦର୍ଶାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ ପବ୍ଲିକ୍ ସ୍ପିକ୍‌ରେ ଆଜି ରାତି ସାଢ଼େ ୯ଟାରେ 'ମିଥ୍ୟା ଖବର ଚିହ୍ନଟ ଏବଂ ଏହାର କୌଶଳ' ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂତନ ଗଣମାଧ୍ୟମ ପରାମର୍ଶଦାତା ଶାଲି ଇଓମାନ ଏହି ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଛତିଶଗଡ଼ - ମାଓଇଷ୍ଟ

ଛତିଶଗଡ଼ର ଖଇରାଗଡ଼-ଛୁଇଖାଦାନ-ଗଣ୍ଡାଇ ଜିଲ୍ଲାରେ ୧୨ ଜଣ ମାଓବାଦୀ ଆଜି ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟିର ସଦସ୍ୟ ତଥା ଶୀର୍ଷ ନକ୍ସଲ୍ ନେତା ରାମଧେର ମାଝି ରହିଛି । ବକରକଟ୍ଟା ଥାନା ଅନ୍ତର୍ଗତ କୁହ୍ମି ଗ୍ରାମଠାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ନିକଟରେ ଏହି ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଛତିଶଗଡ଼ର ବିଭିନ୍ନ ଜିଲ୍ଲାରେ ସେମାନେ ସକ୍ରିୟ ଥିବା ଜଣାପଡ଼ିଛି ।

## ବାରବାଟୀ - କ୍ରିକେଟ

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ । ଉଭୟ ଦଳର ଖେଳାଳି ଆଜି ବାରବାଟୀ ଷ୍ଟାଡିୟମ୍‌ରେ ଅଭ୍ୟାସ କରିଛନ୍ତି। ଏଥିପାଇଁ ବାରବାଟୀ ଷ୍ଟାଡିୟମ୍ ପରିସରରେ ଏବଂ ବାହାରେ କ୍ରିକେଟ୍‌ପ୍ରେମୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ଆସନ୍ତାକାଲି ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ମ୍ୟାଚ୍‌ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା

ବ୍ୟବସ୍ଥା କରାଯାଇଛି । ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ।

*****